**ବିଦେଶୀ ମଦ ଜବତ, ୨ ଗିରଫ**

ଭୁବନ,( ବିପିନ ବିହାରୀ ସେଠୀ ): ଚୋରା ବିଦେଶୀ ମଦ କାରବାର ଅଭିଯୋଗରେ ଢେଙ୍କାନାଳ ଜିଲା ଭୁବନ ପୋଲିସ ଶୁକ୍ରବାର ମହୁଲପାଳ ଗ୍ରାମର ୨ ଜଣଙ୍କୁ ଗିରଫ କରିଛି। ଅମୂଲ୍ୟ ସାହୁଙ୍କ ନିକଟରୁ ସାଢ଼େ ୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ନଂ. ୩୪୨/୨୩ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ପ୍ରକାଶ ଆଏଚଙ୍କଠାରୁ ୬ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ ହୋଇଛି। ଏ ନେଇ ନଂ. ୩୪୩/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ନୂତନ ରେଞ୍ଜରଙ୍କ ଯୋଗଦାନ



କାମାକ୍ଷାନଗର, ୨୫।୮ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି କୈଳାସ ଚନ୍ଦ୍ର ସାହୁ। ଏଠାରେ କାର୍ଯ୍ୟରତ ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ରେଞ୍ଜର ସାହୁଙ୍କୁ ଅବସ୍ଥାପିତ କରାଯାଇଛି। ଏଥିପୂର୍ବରୁ ସେ ଆଠମଲ୍ଲିକ ରେଞ୍ଜର ଭାବେ କାର୍ଯ୍ୟରତ ଥିଲେ। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ବିଶେଷ ଗୁରୁତ୍ୱ ଦେବେ ବୋଲି ନୂତନ ରେଞ୍ଜର ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ବିଜେଡି କର୍ମୀଙ୍କ ଅକାଳ ବିୟୋଗ

କାମାକ୍ଷାନଗର, ୨୫।୮ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତର ଯୁବ ବିଜେଡି କର୍ମୀ ତୋଫାନ ନାଏକଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୩୨ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ବିଜେଡିର ଜଣେ ଆଗଧାଡ଼ିର କର୍ମୀ ଭାବେ କାର୍ଯ୍ୟ କରୁଥିବା ତୋଫାନଙ୍କ ଏଭଳି ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରପଞ୍ଚଙ୍କ ପ୍ରତିନିଧି ନରେନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ବିଜେଡି କର୍ମକର୍ତ୍ତାମାନେ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତୋଫାନଙ୍କ ସ୍ତ୍ରୀ କଳ୍ପନା ଏବଂ ୩ ଝିଅ ଅଛନ୍ତି।

### ଗଛ ଉପୁଡ଼ି ରାସ୍ତା ଅବରୋଧ



କାମାକ୍ଷାନଗର, ୨୫।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର କଙ୍କଡ଼ାହାଡ଼-ଶଶାପସି ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନରେ ଏକ ପୁରୁଣା ଶାଳଗଛ ଉପୁଡ଼ି ପଡ଼ିଛି। ଫଳରେ ବ୍ଲକ ସଦର ମହକୁମା ଏବଂ ଦଣ୍ଡାଧର ଡ୍ୟାମକୁ ଯାତାୟାତ ଠପ୍ ହୋଇଯାଇଥିଲା। କାମାକ୍ଷାନଗର ଅଗ୍ନିଶମ ବାହିନୀ ଗଛ କାଟି ହଟାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଲଗାଣବର୍ଷାରେ ଉକ୍ତ ଶାଳଗଛର ମୂଳ ଦୁର୍ବଳ ହୋଇପଡ଼ିଥିଲା। ତେଣୁ ଏହା ଉପୁଡ଼ି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ଡ୍ୟାମ୍‌ରେ ବୁଡ଼ି ମହିଳା ନିଖୋଜ



କାମାକ୍ଷାନଗର, ୨୫।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ପଞ୍ଚାୟତ ଅଧୀନ ପନାସିଆ ଗ୍ରାମ ବନ୍ଧସାହି ନିକଟ ପେଟାପେଟି ଡ୍ୟାମରେ ବୁଡ଼ିଯାଇ ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ସେ ହେଲେ ପାସିନୀ ମୁନ୍ଦୁୟା (୫୦)। ଡ୍ୟାମରେ ଗାଧୋଉଥିବାବେଳେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏହ ଅଘଟଣ ଘଟିଥିଲା। ଏହା ଜଣାପଡ଼ିବା ପରେ ଗ୍ରାମବାସୀ କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପୂର୍ବାହ୍ନ ୧୧ଟାରୁ ଡ୍ୟାମ୍‌ରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ସିସିଟିଭି ସ୍କାନରରେ ରହିବ ପୂଜାମଣ୍ଡପ

## ଲକ୍ଷ୍ମୀପୂଜା ପୂର୍ବରୁ ସୁରକ୍ଷା ଚିନ୍ତା

ଢେଙ୍କାନାଳ, ୨୫।୮ (ରତନ ନାୟାର)

ଅକ୍ଟୋବର ଶେଷ ସପ୍ତାହରେ ଅନୁଷ୍ଠିତ ହେବ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା। ପୂଜା ମହୋତ୍ସବ ଏବଂ ପାର୍ବଣ ପୂର୍ବରୁ ପୋଲିସକୁ ଘାରିଛି ସୁରକ୍ଷା ଚିନ୍ତା। ଆପରାଧିକ କାର୍ଯ୍ୟକଳାପ ଏଡ଼ାଇବା, ସନ୍ଦିଗ୍ଧଙ୍କ ଉପରେ ନଜର ରଖିବା ଲାଗି ସହରର ୪୦ ପୂଜା ପ୍ରତିଷ୍ଠାନକୁ ସିସିଟିଭି ସ୍କାନରରେ ରଖାଯିବାକୁ ଯୋଜନା କରାଯାଇଥିବାବେଳେ ପୋଲିସ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି।

ସ୍ଥାନୀୟ ଜୁବିଲି ଟାଉନ୍-୧ ପୂଜା ମଣ୍ଡପ ନିକଟରେ ଗୁରୁବାର ସନ୍ଧ୍ୟାରେ ସିସିଟିଭି କ୍ୟାମେରା ଲଗାଯାଇଛି।



ଜୁବିଲିଟାଉନ-୧ ପୂଜା ମଣ୍ଡପ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରା।

ପ୍ରତିଷ୍ଠାନର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ବିନୋଦ ମହାନ୍ତି, ସଦସ୍ୟ ଆଶୁତୋଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଭାପୁର-କଣ୍ଟାନାଳୀ ବାଇପାସ୍, ମହିଷାପାଟ ଛକ ସମେତ ସହରର ଅଧିକାଂଶ ଅଞ୍ଚଳ ଉପରେ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯିବ। ଅନ୍ୟ ପୂଜା ମଣ୍ଡପରେ ମଧ୍ୟ ଯଥାଶୀଘ୍ର ସିସିଟିଭି କ୍ୟାମେରା ଲଗାଯିବ ବୋଲି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ଗତବର୍ଷ ଲକ୍ଷ୍ମୀପୂଜାରେ ବିଭିନ୍ନ ପୂଜା ପ୍ରତିଷ୍ଠାନ ମଧ୍ୟରେ ବିବାଦ ଯୋଗୁ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଏହି ଘଟଣା ପୋଲିସ ଓ ପ୍ରଶାସନର ଚିନ୍ତା ବଢ଼ାଇଥିଲା। ତେବେ ଚଳିତବର୍ଷ ଏଭଳି ଅଘଟଣ ଏଡ଼ାଇବା, ଗଣ୍ଡଗୋଳ, ଅସାମାଜିକ କାର୍ଯ୍ୟକଳାପ, ଅପରାଧ ରୋକିବା ଲାଗି ପୋଲିସ ପକ୍ଷରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଉଛି। କେବଳ ଏତିକି ନୁହେଁ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ସହରର ପ୍ରମୁଖ ଛକରେ ଟ୍ରାଫିକ ସିଗନାଲ ଲାଇଟ୍ ବ୍ୟବସ୍ଥା କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। କିଛିବର୍ଷ ତଳେ ସହରର ବ୍ୟସ୍ତବହୁଳ ଟ୍ରାଫିକ୍ ଛକରେ ସିଗ୍‌ନାଲ ଲାଇଟ୍ ଲଗାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବ ଏବଂ ଝଡ଼ବର୍ଷାରେ ଉମକ୍ ସିଗନାଲ ଲାଇଟ୍ ପୋଷ୍ଟ ଭାଙ୍ଗିପଡ଼ିଛି। ଚଳିତବର୍ଷ ପୂଜା ସମୟରେ ପୋଲିସ ପକ୍ଷରୁ ଏଥିପ୍ରତି ଗୁରୁତ୍ୱାରୋପ କରାଯାଉଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ଖାଉଟି ସଚେତନ ହେଲେ ଠକେଇ କମିବ

ଢେଙ୍କାନାଳ, ୨୫।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କପିଳାସସ୍ଥିତ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନ 'ଅହିଂସା' ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ନିଶାମଣି ଦେଇ, ମୁଖ୍ୟବକ୍ତା ଶ୍ରୀନିବାସ ସାହୁ, ସାମାଜିକ କର୍ମୀ ସ୍ନେହଲତା ସେଠୀ ପ୍ରମୁଖ ଯୋଗଦେଇ କହିଲେ, ଖାଉଟି ସଚେତନ ହେଲେ ଠକେଇ କମିବ। ମୁନାଫାଖୋର ବ୍ୟବସାୟୀଙ୍କ ମନମୁଖି କାରବାର ହ୍ରାସ ପାଇବ। ଠିକ୍ ମୂଲ୍ୟରେ ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚିପାରିବ। ମନସ୍ୱିନୀ ସାହୁ, ପୁଷ୍ପଲତା କଅଁର, ନନ୍ଦିନୀ ରାଉଳ, ଦୀପ୍ତିମୟୀ ପ୍ରଧାନ, ଦୁର୍ଗେଶନନ୍ଦିନୀ ନନ୍ଦ, ଶିବାନୀ ମିଶ୍ର, ସନ୍ତୋଷିନୀ ହୋତା, ପଦ୍ମିନୀ ଭୋଇ, ରମେଶ ଚନ୍ଦ୍ର ମହନ୍ତ, ରେବତୀ ସେଠୀ, ହରପ୍ରିୟା ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

'ଅହିଂସା' ସମ୍ପାଦକ ମାନଗୋବିନ୍ଦ ସେଠୀ, ମାମି ବେହେରା କାର୍ଯ୍ୟକ୍ରମ ପରିଚାଳନା କିରଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଖାଉଟି ସୁରକ୍ଷା ଉପରେ ପାଲା ପରିବେଷଣ କରାଯାଇଥିଲା।



ଖାଉଟି ସଚେତନତା ଶିବିରରେ ଅତିଥିମାନେ।

# ଟ୍ରେଡିଂ ନାମରେ ଟଙ୍କା ହଡ଼ପ




କାମାକ୍ଷାନଗର, ୨୫।୮ (ଅମ୍‌ଜାଦ୍ ଖାନ୍)

'ପିୟୋର ଟ୍ରେଡିଂ, ସିଓର ପ୍ରଫିଟ୍'। ଏଭଳି ବିଜ୍ଞାପନ ଜାଲରେ ଫସିଯାଇଛନ୍ତି ସାଧାରଣ ଜନତା। ରାତାରାତି ବଡ଼ଲୋକ ହେବା ଲୋଭର ବଶବର୍ତ୍ତୀ ହୋଇ ହରାଇଛନ୍ତି ସର୍ବସ୍ୱ ଜମାପୁଞ୍ଜି। ଠକେଇର ମାୟାଜାଲ ବୁଣିଥିବା ଅଭିଯୁକ୍ତ ଜମା ଟଙ୍କା ହଡ଼ପ ପରି ଫେରାର ହୋଇଯାଇଥିବାବେଳେ ହତାଶ ଜମାକାରୀ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଘଟିଥିବା ଏଭଳି ଏକ ଘଟଣାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା।

ଅଭିଯୋଗ ଅନୁଯାୟୀ କାମାକ୍ଷାନଗର ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମର ଚନ୍ଦ୍ରଶେଖର ପଟ୍ଟନାୟକ (୨୮) କିଛି ବର୍ଷ ତଳେ କାମାକ୍ଷାନଗରରେ 'ଟ୍ରେଡର୍ସ ଗୁରୁଜୀ' ନାମରେ ଏକ ସଂସ୍ଥା ଖୋଲିଥିଲେ। ଲୋଭନୀୟ ବିଜ୍ଞାପନ, ଅତ୍ୟାଧୁନିକ ପରିବେଶ, ଅଫିସ୍ କର୍ମଚାରୀଙ୍କ ପାଇଁ ଏହି ସଂସ୍ଥା ବେଶ କିଛି ଦିନ ଧରି ଚର୍ଚ୍ଚାରେ ରହିଥିଲା। ସଂସ୍ଥା ମାଧ୍ୟମରେ ସମାଜସେବା, ପ୍ରାଣୀସେବା ମଧ୍ୟ କରାଯାଉଥିଲା। ନିଜର ଉତ୍ତମ ବ୍ୟବହାରକୁ କୌଶଳ କରି ଚନ୍ଦ୍ରଶେଖର ଖୁବ୍ କମ୍ ସମୟରେ ଲୋକଙ୍କ ନିକଟତର ହୋଇଥିଲେ।

## ଅଭିଯୁକ୍ତ ଫେରାର, ଚିନ୍ତାରେ ଜମାକାରୀ

କମ୍ ଅର୍ଥ ଲଗାଇ ଭଲ ରୋଜଗାର କରିବାକୁ ସ୍ୱପ୍ନ ଦେଖାଇବା ସହ ଜନତାଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସଫଳ ହୋଇଥିଲେ। ଏପରି କି ଜମାକାରୀଙ୍କ ଜମା ଟଙ୍କା ସୁରକ୍ଷିତ ବୋଲି ସାବ୍ୟସ୍ତ କରିବାକୁ ନୋଟାରି ମାଧ୍ୟମରେ ଚୁକ୍ତି ମଧ୍ୟ କରିଥିଲେ। ହେଲେ ଜମାଟଙ୍କା ମ୍ୟାଚୁରିଟି ବେଳକୁ ଚନ୍ଦ୍ରଶେଖର ସଂସ୍ଥା ବନ୍ଦ କରି ଫେରାର ହୋଇଯାଇଛନ୍ତି। ଏଭଳି ସ୍ଥିତିରେ ଜମାକାରୀମାନେ ବଣ୍ଡ ପେପର ଧରି ବୁଲୁଛନ୍ତି। ଚନ୍ଦ୍ରଶେଖରଙ୍କୁ ତାଙ୍କ ଫୋନ୍ (ନଂ. ୯୯୩୭୪୧୬୭୩୩)ରେ ଯୋଗାଯୋଗ କଲେ କୌଣସି ପ୍ରତିକ୍ରିୟା ମିଳୁନାହିଁ। ପରିବାର ସଦସ୍ୟଙ୍କୁ ପଚାରିଲେ, ସେମାନେ ଓଲଟା ମାମଲା ରୁଜୁ କରିବାକୁ ଧମକ ଦେଉଛନ୍ତି। ଏ ନେଇ ଜିଲାପାଳ, ପୋଲିସ ନିକଟରେ ଫେରାଦ ହୋଇଛନ୍ତି ଅନେକ ଜମାକାରୀ। ଏହି ଘଟଣାରେ କାମାକ୍ଷାନଗର ଥାନାରେ ଏକ ଠକେଇ ମାମଲା ରୁଜୁ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଏସଡିପିଓ ରଞ୍ଜନ କୁମାର ଦେ କୁହନ୍ତି, ଅଭିଯୋଗ ଅନୁଯାୟୀ ତଦନ୍ତ ଆରମ୍ଭ ହୋଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବୋହୂ ମାଡ଼ରେ ଶାଶୁ ଆହତ

କାମାକ୍ଷାନଗର, ୨୫।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବ୍ରାହ୍ମଣିଆ ଗ୍ରାମରେ ବୋହୂଙ୍କ ମାଡ଼ରେ ଶାଶୁ ଆହତ ହେବା ଘଟଣା ଶୁକ୍ରବାର ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗରୁ ଜଣାପଡ଼ିଛି, ଅମୃତି ପାତ୍ର (୬୫) ଏବଂ ତାଙ୍କ ସ୍ୱାମୀ ଗତିକୃଷ୍ଣ ପାତ୍ରଙ୍କୁ ତାଙ୍କର ଦୁଇ ପୁଅ ପଚାରୁନାହାନ୍ତି। ବୃଦ୍ଧ ଦମ୍ପତି ଅଲଗା ରୋଷେଇ କରୁଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ କୌଣସି କାରଣକୁ ନେଇ ସାନବୋହୂ ସୁଭଦ୍ରା ଶାଶୁ ଅମୃତିଙ୍କୁ ନିସ୍ତୁକ ପିଟିଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ମହିଳାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ଅମୃତି ଥାନାରେ ଅଭିଯୋଗ କରିଛନ୍ତି। ଏହା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଟାଟା ଷ୍ଟିଲ୍, ଅନୁଗୋଳ ଏନର୍ଜି ଲିମିଟେଡ୍ ପୁରସ୍କୃତ



ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଓ ଅନୁଗୋଳ ଏନର୍ଜି ଲିମିଟେଡ୍ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ, ୨୫।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଓ ଅନୁଗୋଳ ଏନର୍ଜି ଲିମିଟେଡ୍‌କୁ ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ଉତ୍କର୍ଷ ପୁରସ୍କାର ୨୦୨୨-୨୩ ମିଳିଛି। ସିଆଇଆଇ ପୂର୍ବାଞ୍ଚଳ ପକ୍ଷରୁ ଗତ ଅଗଷ୍ଟ ୨୨ରେ କୋଲକାତାରେ ଅନୁଷ୍ଠିତ ଦୁଇଦିନିଆ ୧୭ତମ ସୁରକ୍ଷା ସିମ୍ପୋସିୟମ ଓ ଏକ୍ସପୋଜିଶନ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳରେ ବୃହତ୍ ମାନୁଫାକ୍ଚରିଂ କ୍ଷେତ୍ର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଟାଟା ଷ୍ଟିଲ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୁରକ୍ଷିତ କାର୍ଯ୍ୟ ପରିବେଶ ଗଠନ ନିମନ୍ତେ ପ୍ରତିବଦ୍ଧତା ଲାଗି କମ୍ପାନୀକୁ ପ୍ରଶଂସାପତ୍ର ମିଳିଛି। ମଧ୍ୟମ ମାନୁଫାକ୍ଚର କ୍ଷେତ୍ରରେ ଅନୁଗୋଳ ଏନର୍ଜିକୁ ମଧ୍ୟ ସ୍ୱାସ୍ଥ୍ୟ ଓ ପରିବେଶ ପୁରସ୍କାର ପ୍ରଦାନ କରାଯାଇଛି।

ଟାଟା ଷ୍ଟିଲ୍ ମେରାମଣ୍ଡଳୀ ସୁରକ୍ଷା ମୁଖ୍ୟ ଅଗମ କୁମାର, କାର୍ଯ୍ୟସ୍ଥଳ ସୁରକ୍ଷା ମୁଖ୍ୟ ଉପେନ୍ଦ୍ର ପ୍ରସାଦ ଯାଦବ, ଅନୁଗୋଳ ଏନର୍ଜି ଲିମିଟେଡ୍‌ର ଡିଭିଜିନାଲ ପ୍ରବନ୍ଧକ ଦୀନେଶ ପରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ବ୍ୟବସ୍ଥାରେ ସାମଗ୍ରିକ ଲକ୍ଷ୍ୟ ହାସଲ, ବୃତ୍ତିଗତ କ୍ଷେତ୍ରରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ, ପରିବେଶ ସୁରକ୍ଷା ଭଳି ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ସରପଞ୍ଚଙ୍କ ଅଗୋଚରରେ କାର୍ଯ୍ୟ

ସାତମାଇଲ, ୨୫।୮ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ସରପଞ୍ଚଙ୍କ ଆଗୋଚରରେ କାର୍ଯ୍ୟ କରୁଥିବା ଅଭିଯୋଗ କରି ଜନପ୍ରତିନିଧିମାନେ




ବୈଠକରେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ।

ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ସମ୍ପର୍କରେ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ହାତଗଣତି ଜବକାର୍ଡ ଧାରୀ ଉପସ୍ଥିତ ଥିଲେ। ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା। ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ହିତାଧିକାରୀଙ୍କୁ ଠିକ୍ ସମୟରେ ପ୍ରାପ୍ୟ ମିଳୁ ନ ଥିବାରୁ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଅସନ୍ତୋଷ ଝାଡ଼ିଥିଲେ। ଜିଲା ସାମାଜିକ ସମୀକ୍ଷା ଅଧିକାରୀ ସରୋଜ

## ଜନପ୍ରତିନିଧିଙ୍କ କ୍ଷୋଭ

କୁମାର ଗଡ଼ନାୟକ, ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟକାନ୍ତ ସ୍ୱାଇଁ, ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ପିଇଓମାନେ ଯୋଗଦେଇଥିଲେ।

ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବେହେରା କୁହନ୍ତି, ତାଙ୍କ ନିକଟରେ ଏଭଳି କୌଣସି ଅଭିଯୋଗ ହୋଇନାହିଁ। ଯାହା ତ୍ରୁଟି ରହିଛି, ସେସବୁର ସମାଧାନ କରିବା ପାଇଁ ଉଦ୍ୟମ କରାଯାଉଛି।

# ସିଏସ୍‌ପିଙ୍କୁ ସିଏସ୍‌ପି ପ୍ଲସ୍‌ରେ ଅନ୍ତର୍ଭୁକ୍ତ ଦାବି

ଢେଙ୍କାନାଳ, ୨୫।୮ (ରତନ ନାୟାର)

ଢେଙ୍କାନାଳ ଜିଲାର ୨୧୨ ପଞ୍ଚାୟତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ କଷ୍ଟମର ସର୍ଭିସ୍ ପଏଣ୍ଟ (ସିଏସ୍‌ପି) ନିଯୁକ୍ତି ଦିଆଯାଇଛି। ସେମାନଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସିଏସ୍‌ପି ପ୍ଲସ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ଶୁକ୍ରବାର ଦାବି ହୋଇଛି।

ଅଭିଯୋଗ ଅନୁଯାୟୀ, ସ୍ୱୀକୃତିପ୍ରାପ୍ତ ସିଏସ୍‌ପିମାନେ ୧୦ବର୍ଷ ହେଲା ଏସ୍‌ବିଆଇ ମାଧ୍ୟମରେ ଲୋକଙ୍କୁ ସେବା ପ୍ରଦାନ କରୁଛନ୍ତି। ତେବେ ସେମାନଙ୍କୁ ହାତରୁ ଘର ଭଡ଼ା, ବିଦ୍ୟୁତ୍ ବିଲ୍ ଦେବାକୁ ପଡୁଛି। କମ୍ପ୍ୟୁଟର, ଲାପଟପ୍, ପ୍ରିଣ୍ଟର ସମେତ ଆନୁଷଙ୍ଗିକ ସାମଗ୍ରୀ କିଣିବାରେ ଅନେକ ଟଙ୍କା ଖର୍ଚ୍ଚ ହେଉଛି। ଗ୍ରାହକଙ୍କୁ ସେବା ପ୍ରଦାନ ପାଇଁ ବ୍ୟକ୍ତିଗତ ଖର୍ଚ୍ଚରେ ୧୫ରୁ ୨୦ କିଲୋମିଟର ଦୂରରେ ଥିବା ବ୍ୟାଙ୍କକୁ ଯିବାକୁ ପଡୁଛି। ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ନାହିଁ। ଏ ନେଇ ସିଏସ୍‌ପିମାନେ ଦାବିପତ୍ର ମାଧ୍ୟମରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏବେ ରାଜ୍ୟ ସରକାର ବ୍ୟାଙ୍କ ନ ଥିବା ପଞ୍ଚାୟତରେ ସିଏସ୍‌ପି ପ୍ଲସ୍ ଖୋଲିବାକୁ ଯୋଜନା କରୁଛନ୍ତି। ହେଲେ ପୂର୍ବରୁ କାର୍ଯ୍ୟରତ ସିଏସ୍‌ପିଙ୍କ ଭବିଷ୍ୟତ ବିଷୟରେ ଚିନ୍ତା ନାହାନ୍ତି। ତେଣୁ ଜିଲାରେ କାର୍ଯ୍ୟରତ ସିଏସ୍‌ପିଙ୍କୁ ସିଏସ୍‌ପି ପ୍ଲସ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ରବିନାରାୟଣ ରାଉଳ, ମନୋଜ ମହାନ୍ତି, ରୀନା ସାହୁ, ଡାକ୍ତର ମହାରଣା, ଦିବ୍ୟଜ୍ୟୋତି ସେଠୀ ପ୍ରମୁଖ ଦାବି କରିଛନ୍ତି।



ସିଏସ୍‌ପିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ହଟ୍ଟଗୋଳ ପାଇଁ ଅଧାରେ ଅଟକିଲା

## ୧୭ ମାସ ପରେ ସମିତି ବୈଠକ

ସାତମାଇଲ, ୨୫।୮ (ସୁଶାନ୍ତ ପତି)

ହଟ୍ଟଗୋଳ ପାଇଁ ଅଧାରେ ଅଟକିଯାଇଛି ଢେଙ୍କାନାଳ ଜିଲା ହିନ୍ଦୋଳ ପଞ୍ଚାୟତ ସମିତିର ତୃତୀୟ ସାଧାରଣ ବୈଠକ। ଦୀର୍ଘ ୧୭ ମାସ ପରେ ବସିଥିବା ଏହି ବୈଠକରେ ଅଧିକାରୀମାନେ ନିଜ ନିଜ ବିଭାଗର ସଫଳତା ବଖାଣିଥିବାବେଳେ ବାସ୍ତବ ଚିତ୍ର ଉପସ୍ଥାପନ କରି ହୋହଲ୍ଲା କରିଥିଲେ ଜନପ୍ରତିନିଧି। ବାକ୍‌ବିତଣ୍ଡା ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରି ନ ଥିବାବେଳେ ବୈଠକ ଫସର ଫାଟିଥିଲା।




ବୈଠକରେ ଏମ୍‌ପି, ବିଧାୟିକା, ବ୍ଲକ ଅଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସମିତି ବୈଠକ ବସିଥିଲା। ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏମ୍‌ପି ମହେଶ ସାହୁ, ବିଧାୟିକା ସୀମାରାଣୀ ନାୟକ, ଉପାଧ୍ୟକ୍ଷ ବରୁଣ ସର, ବିଡିଓ ଶିବଶଙ୍କର ମିଶ୍ର, ଏବିଡିଓ ଅଶୋକ କୁମାର ମିଶ୍ରଙ୍କ ସମେତ ବ୍ଲକ ପ୍ରଶାସନର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। କୃଷି, ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ସାଧାରଣ ବଣ୍ଟନ ବ୍ୟବସ୍ଥା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଙ୍ଗଲ ବିଭାଗ, ପ୍ରାଣୀପାଳନ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ୍, କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର ସଫଳତା ବଖାଣିଥିଲେ। ତେବେ ଦୀର୍ଘ ୧୭ମାସ ପରେ ବସିଥିବା ସମିତି ବୈଠକରେ ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଆସିଥିବା ଅନୁଦାନ ଅର୍ଥର ହିସାବ ମାଗି ହୋହଲ୍ଲା କରିଥିଲେ। ଫଳରେ କୌଣସି ଆଲୋଚନା ହୋଇପାରି ନ ଥିଲା। ସ୍ଥିତି ଅଣାୟତ୍ତ ହେଉଥିବାବେଳେ ଏମ୍‌ପି ସାହୁ ଏଥିରେ ହସ୍ତକ୍ଷେପ କରିଥିଲେ। ୧୫ଦିନ ମଧ୍ୟରେ ପୁନର୍ବାର ସମିତି ବୈଠକ ଡାକି ସମସ୍ୟାର ସମାଧାନ କରିବା ଲାଗି ସେ ପରାମର୍ଶ ଦେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ବୈଠକରେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲକ୍ଷେ ଟଙ୍କା ନେଇ ଡ୍ରାଇଭର ଫେରାର

ଅନୁଗୋଳ,୨୫।୮
(ଅମିତ କୁମାର ସାମଲ)

ରାଶନ ଦୋକାନ ମାଲିକ ସୁଶାନ୍ତ କୁମାର ସାହୁଙ୍କ ଲକ୍ଷେ ଟଙ୍କା ନେଇ ତାଙ୍କ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୁଶାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୫୦୧/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ତାଳଚେର ଆଇଟିଆଇ ଛକ ଲିଙ୍ଗରାଜ ରାସ୍ତା ନିକଟରେ ସୁଶାନ୍ତଙ୍କର ଏକ ରାଶନ ଦୋକାନ ରହିଛି। ତାଙ୍କ ପିକ୍‌ଅପ୍ ଭ୍ୟାନ (ନଂ. ଓଡି ୩୫ଡି–୫୮୨୦) ଚଳାଉଥିବା ଛେଣ୍ଡିପଦା ଅଞ୍ଚଳର ଚାଳକଙ୍କୁ ସେ ଦୋକାନ ପାଇଁ ଚୁଡ଼ା ଆଣିବାକୁ ୧ ଲକ୍ଷେ ୨ ହଜାର ଟଙ୍କା ଦେଇ ଫ୍ୟାକ୍ଟ୍ରିକୁ ପଠାଇଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ପିକ୍‌ଅପ୍ ଡ୍ରାଇଭର ଫ୍ୟାକ୍ଟ୍ରିରେ ନ ପହଞ୍ଚିବାରୁ ଚୁଡ଼ା ଫ୍ୟାକ୍ଟ୍ରିରୁ ସୁଶାନ୍ତଙ୍କ ନିକଟକୁ ଫୋନ ଆସିଥିଲା। ସେ ଡ୍ରାଇଭରଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

# କ୍ଷତିଗ୍ରସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, ଠିକା କାର୍ଯ୍ୟ ଦାବି

### କୋଇଲା ଖଣି ପାଇଁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି

ଛେଣ୍ଡିପଦା,୨୫।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅଧୀନ କଙ୍କରାଇ ପଞ୍ଚାୟତର ପିରଖମଣଠାରେ ଗୁରୁବାର ପ୍ରସ୍ତାବିତ ସୁଭଦ୍ରା ଖୋଲାମୁହାଁ କୋଇଲା ଖଣି ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ବେଳେ କ୍ଷତିଗ୍ରସ୍ତମାନେ ସ୍ଥାୟୀ ନିଯୁକ୍ତି ଓ ଠିକା କାର୍ଯ୍ୟ ପ୍ରଦାନ ସହ ଅନ୍ୟାନ୍ୟ ଦାବି ଉପସ୍ଥାପନ କରିଥିଲେ।

ପ୍ରକାଶ ଯେ, ଅନୁଗୋଳ ଜିଲାର ଛେଣ୍ଡିପଦା ଓ ତାଳଚେର ତହସିଲର କଙ୍କରେଇ, ପିରଖମଣ, ବାଲିଚନ୍ଦ୍ରପୁର, ରାଇଝରଣ, କାଉଁସିଡ଼ିପ, ଗୋଲାଗାଡିଆ, ଛୋଟବେରେଣି, କୁମୁଣ୍ଡା, ଭାଲୁଗାଡିଆ, ବାଘୁଆବୋଲ ଏବଂ ଜୟପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୧୧୧୧.୮୫ ହେକ୍ଟର ପରିମିତ ଜାଗାରେ ଖୋଲାମୁହାଁ କୋଇଲା ଖଣି ପାଇଁ ସରକାରଙ୍କ ପକ୍ଷରୁ ମେସର୍ସ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡକୁ ଅନୁମତି ପ୍ରଦାନ କରାଯାଇଛି। ଏହି କୋଇଲା ଖଣିରୁ ବାର୍ଷିକ ୨୫ ମିଲିୟନ ଟନ୍ କୋଇଲା ଉତ୍ପାଦନ ହେବ। ଏଥି ନିମନ୍ତେ



ଜନ ଶୁଣାଣିରେ ମଞ୍ଚାସୀନ ଅଧିକାରୀମାନେ।

ପୂର୍ବାହ୍ନ ୧୧ଟା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା ଓ ଅନୁଗୋଳ ରାଜସ୍ୱ ବିଭଗର ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ଛେଣ୍ଡିପଦା ଓ ତାଳଚେର ତହସିଲ ଅଞ୍ଚଳର ୧୧ଟି ଗ୍ରାମର କ୍ଷତିଗ୍ରସ୍ତ ଶତାଧିକ ପ୍ରଜା ଯୋଗ ଦେଇଥିଲେ। ସମସ୍ତ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସ୍ଥାୟୀ ନିଯୁକ୍ତି, କମ୍ପାନୀ କାର୍ଯ୍ୟ ବେଳେ ଠିକା କାର୍ଯ୍ୟଗୁଡ଼ିକୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ପ୍ରଦାନ କରାଯିବା, ନୟନୀ କୋଲ ବ୍ଲକ ଅଞ୍ଚଳରେ କ୍ଷତିଗ୍ରସ୍ତ ହେଉଥିବା ସଂରକ୍ଷିତ ଜଙ୍ଗଲ, ଗୋଚର, ଶ୍ମଶାନ ଓ ଜଳାଶୟ ଆଦି ପାଇଁ ୨ଗୁଣ ଜମି ଏକକ ସ୍ଥାନରେ ଦିଆଯିବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଭିନ୍ନକ୍ଷମ ପୁରୁଷ ଓ ମହିଳାମାନଙ୍କୁ ମାସିକ ଭତ୍ତା, ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ଶିକ୍ଷାର ଉନ୍ନତି ପାଇଁ ଇଂଲିଶ ମିଡିୟମ ବିଦ୍ୟାଳୟ, ଉନ୍ନତମାନର ପାନୀୟ ଜଳ ବ୍ୟବସ୍ଥା, ସମସ୍ତ ମନ୍ଦିର ଓ ରାସ୍ତାର ଉନ୍ନତୀକରଣ ଏବଂ ଆଲୋକୀକରଣ ଆଦି ଦାବି କରାଯାଇଥିଲା। ଏହି ଜନ ଶୁଣାଣିରେ କଙ୍କରାଇ ସରପଞ୍ଚ ପ୍ରତାପ କୁମାର ସାହୁ, ପିରଖମଣର ଅଭିରାମ ସାହୁ, ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ଲମ୍ବୋଦର ପ୍ରଧାନ, ସତ୍ୟରଞ୍ଜନ ସାହୁ, ସାଧୁ ଚରଣ ବାରିକ, ଛେଣ୍ଡିପଦାର ଅଗସତି ବେହେରା, ନିଶା ସରପଞ୍ଚ ରାମଚନ୍ଦ୍ର ବେହେରାଙ୍କ ସମେତ ୧୬ଜଣ ବିସ୍ଥାପନ ନୀତି, ନିଯୁକ୍ତି, ବାସଗୃହ, ଜଙ୍ଗଲ କ୍ଷୟକ୍ଷତି, ପରିବେଶ ସନ୍ତୁଳନ ଆଦି ଉପରେ ମତ ରଖିଥିଲେ। ଗ୍ରାମବାସୀ ଅଭିଯୋଗ କରିଥିବା ସମସ୍ତ ଅଭିଯୋଗର ଭିଡିଓ ରେକର୍ଡିଂ କରାଯାଇଛି ଏବଂ ଏହାକୁ ଭାରତ ସରକାରଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ମଞ୍ଚାସୀନ ଅଧିକାରୀମାନେ କହିବା ସହ ଜନଶୁଣାଣି ସଫଳ ହୋଇଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ତହସିଲଦାର ମାନସ ରାଏ, ଏମ୍‌ସିଏଲ୍ ଜିଏମ୍ କୃପାସିନ୍ଧୁ ସିଂ, ପ୍ରୋଜେକ୍ଟ ମ୍ୟାନେଜର ବାହାଦୁର ସାହୁ, ପରିବେଶବିତ୍ ପ୍ରଶାନ୍ତ ମହାରାଜ, ବ୍ଲକ ଅଧ୍ୟକ୍ଷା ଝରଣା ସ୍ୱାଇଁ, ଶ୍ରୀଧର ପ୍ରଧାନ, ଦୁଲେଇ ସାହୁ, ସସ୍ମିତା ସାହୁ, ଯାଇତ୍ରୀ ବେହେରାଙ୍କ ସମେତ ବହୁ ଜନ ପ୍ରତିନିଧି ଯୋଗ ଦେଇଥିଲେ। ପିଢଖମଣ ଯୁବକ ସଂଘର ସୁମନ୍ତ ସାହୁ, ଚିତ୍ତରଞ୍ଜନ ସାହୁ, ଆଦିତ୍ୟ ସାହୁ, ପ୍ରଭାତ ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଜନଶୁଣାଣିକୁ ସଫଳ କରିବା ନିମନ୍ତେ ସକ୍ରିୟ ସହଯୋଗ କରିଥିଲେ।

# ୧୬୫ ୟୁନିଟ୍ ରକ୍ତ ସଂଗ୍ରହ

କଣିହାଁ,୨୫।୮
(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଜ୍ରକୋଟ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶୁକ୍ରବାର ବିଜେଡି ତରଫରୁ 'ଓଡ଼ିଶା ମୋ ପରିବାର' ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମାନସ ରଞ୍ଜନ ସ୍ୱାଇଁ, ରମାମଞ୍ଜରୀ ସାମଲ, ଯୁବ ବିଜେଡି ନେତା ହିମାଞ୍ଚଳ ପଣ୍ଡା, ସୁବାସ ମହାନ୍ତି, ଗଗନ ରାଉତ, ବାବୁଲା ପ୍ରଧାନ, ସଞ୍ଜୟ ମାଝି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ଅଧ୍ୟକ୍ଷଙ୍କ ସହିତ ଅନେକ ବିଜେଡି କର୍ମୀ ରକ୍ତ ଦାନ କରିଥିଲେ। ଜିଲା ରକ୍ତ ଭଣ୍ଡାର ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ୧୬୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସରପଞ୍ଚ ପ୍ରଦୀପ ସାହୁ, ହାଡିବନ୍ଧୁ ସେଠୀ, ଜିତେନ୍ଦ୍ର ବେହେରା, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ବିଜେଡି କାର୍ଯ୍ୟକର୍ତ୍ତା ଶଶିଶେଖର ସିଂ, ମାଧବ ସାମଲ, କରୁଣା ପ୍ରଧାନ, ପ୍ରଶାନ୍ତ ସାହୁ, ବିଶ୍ୱଜିତ ଧୀର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ରାଧାମୋହନଙ୍କ ଜୀବନୀ ଉପରେ ଆଲୋକପାତ

ଛେଣ୍ଡିପଦା,୨୫।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଛେଣ୍ଡିପଦା ସାରସ୍ୱତ ସାହିତ୍ୟ ସଂସଦ ପକ୍ଷରୁ ମହାନ୍ କବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷା ମମତା ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ପ୍ରାକ୍ତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଡ. ଧରଣୀଧର ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଡ଼ନାୟକଙ୍କ କେତୋଟି ଲୋକପ୍ରିୟ କବିତାର ଆଙ୍ଗିକ ଓ ଆତ୍ମିକ ଦିଗ ସମ୍ପର୍କରେ ବିଶ୍ଳେଷଣାତ୍ମକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦାର ବିଶିଷ୍ଟ ବ୍ୟକ୍ତି ଶରତ କୁମାର ପ୍ରଧାନ ଯୋଗଦେଇ କବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ତଥା ଅନୁଷ୍ଠାନର ପୂର୍ବତନ ସମ୍ପାଦକ ବିଶ୍ୱରଞ୍ଜନ ପ୍ରଧାନ କବିଙ୍କ କିଛି କବିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ କଲେଜ ଅଧ୍ୟକ୍ଷ ତଥା ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଡ. ଅକ୍ଷୟ କୁମାର ପଣ୍ଡା ନଅଙ୍କ ଦୁର୍ଭିକ୍ଷ ବେଳର ଜଣେ ଅନ୍ନକ୍ଲିଷ୍ଟ ମୃତବାଳକ ସନାତନଙ୍କୁ କବି ଗଡ଼ନାୟକ କିପରି ତାଙ୍କ କବିତା 'ମରିନାହିଁ ସେତ ମରଣ ଜୟୀ' ମାଧ୍ୟମରେ ଅମରତ୍ୱ ପ୍ରଦାନ କରିଛନ୍ତି, ସେ ସମ୍ପର୍କରେ ଉପସ୍ଥିତ ଗୁରୁ ଓ ଛାତ୍ରୀଛାତ୍ରଙ୍କୁ ପରିଚିତ କରାଇଥିଲେ। ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମୀର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଗୁରୁ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବିଜେଡିରେ ଯୋଗଦେଲେ ଭାଜପା, କଂଗ୍ରେସ କର୍ମୀ



ମିଶ୍ରଣ ପର୍ବରେ ବିଧାୟକଙ୍କ ସମେତ ନୂଆ କରି ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ।

ଛେଣ୍ଡିପଦା,୨୫।୮ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ରାମଚୀଙ୍କ ପୀଠସ୍ଥଳରେ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ମିଶ୍ରଣ ପର୍ବରେ ପାତ୍ରପଡା ପଞ୍ଚାୟତର ପାତ୍ରପଡା, ରାଇପାଳ ଓ ଖଇରବେରେଣୀର ଶତାଧିକ ଭାଜପା ଏବଂ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତଥା ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ବିଜୁ ଜନତା ଦଳର ଉତ୍ତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ରାଇପାଳର ବିଜୟ କୁମାର ସାମଲ ଓ ପାତ୍ରପଡାର ଯଶୋବନ୍ତ ସାହୁଙ୍କ ନେତୃତ୍ୱରେ ଚୈତନ୍ୟ ସାମଲ, ଅରୁଣ ସାମଲ, ଲିକନ ସେଠୀ, ହେମନ୍ତ ସ୍ୱାଇଁ, ବିଭୂତିଭୂଷଣ ପ୍ରଧାନ, ସୁଶୀଳ ପ୍ରଧାନ, ରିନୁ ସାମଲ, ଈଶ୍ୱର ସାହୁ, ଉଦ୍ଧବ ସାହୁ, ରବି ଦଳେଇ, ରାଜୀବ ନାଏକ ପ୍ରମୁଖ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀ ଓ ବ୍ଲକ ଯୁବ ବିଜେଡି ସଭାପତି ଆଶିଷ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଚନ୍ଦ୍ରୟାନ–୩ ଟିମ୍‌କୁ ଅଭିନନ୍ଦନ

ତାଳଚେର,୨୫।୮ (ମନୋଜ ନନ୍ଦ)

ତାଳଚେର ଦେଉଳବେଢ଼ା ମଙ୍ଗଳମ କ୍ଲବଠାରେ ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଚନ୍ଦ୍ରୟାନ– ୩ର ସଫଳତା ପାଇଁ ଇସ୍ରୋର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ରକ୍ଷାବନ୍ଧନ, ଜାତୀୟ ପ୍ରେସ୍ ଦିବସ ଆଦିରେ କିଭଳି କାର୍ଯ୍ୟକ୍ରମ କରାଯିବ ସେ ନେଇ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ଆଲୋଚନା କରିଥିଲେ। ସଂଘ ସଭାପତି ସୟଦ ଜୁଲଫିକର ହୁସେନ, ଉପସଭାପତି ମଦନ ମୋହନ ସାହୁ, ସହସମ୍ପାଦକ ମଞ୍ଜୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ବିକାଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବାପୁଜୀ ସାମଲ, କାର୍ଯ୍ୟକାରୀ କମିଟି ସଦସ୍ୟ ରବୀନ୍ଦ୍ର କୁମାର ମହାରଣା, ସୌମିତ୍ର ସେନାପତି, ଶିଶିର କୁମାର ସାମଲ, ମନିଲ କୁମାର ମହାରଣା, ଅଡିଟର ସଞ୍ଜୟ କୁମାର ଦଳେଇ, ସଂଘ ସଦସ୍ୟ ଦୁର୍ଗା ପ୍ରସାଦ ସ୍ୱାଇଁ, ଅଜୟ କୁମାର ନାୟକ, ଅରୁଣ ପ୍ରଧାନ, ରୁଦ୍ର ଗଡ଼ନାୟକ, ବାସୁଦେବ ପ୍ରଧାନ ଏବଂ ରାଉତରାୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ସାମିଲ ଥିବା କର୍ମକର୍ତ୍ତାମାନେ।

# ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ପାଠପଢ଼ା

ବଣ୍ଟାଁରପାଳ,୨୫।୮ (ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ମଝିକା ପ୍ରାଥମିକ ବିଦ୍ୟାଳୟ ନାନା ସମସ୍ୟା ଦେଇ ଗତି କରୁଛି। ଏହି ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ ନ ଥିବାବେଳେ ଶ୍ରେଣୀଗୃହର ମଧ୍ୟ ଅଭାବ ରହିଛି। ଏବେ ଜଣେ ଶିକ୍ଷୟିତ୍ରୀ ପ୍ରଥମରୁ ୫ମ ଶ୍ରେଣୀର ପିଲାଙ୍କୁ ପଢ଼ାଉଥିବା ବେଳେ ୩ଟି ଶ୍ରେଣୀର ପିଲା ବାରଣ୍ଡାରେ ବସି ପଢ଼ିବାକୁ ବାଧ୍ୟ ହେଉଛନ୍ତି।

ପ୍ରକାଶ ଯେ, ମଝିକା ପ୍ରାଥମିକ ବିଦ୍ୟାଳୟ ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ପିଲା ପଢୁଥିବା ବେଳେ ବର୍ତ୍ତମାନ ମୋଟ ୫୬ ଛାତ୍ରୀଛାତ୍ର ଅଛନ୍ତି। ତେବେ ଏହି ୫ଟି ଶ୍ରେଣୀର ପିଲାଙ୍କ ଶିକ୍ଷାଦାନ ପାଇଁ ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଦୀର୍ଘଦିନ ହେଲା ପ୍ରଧାନ ଶିକ୍ଷକ ଛୁଟିରେ ଥିବାରୁ ବର୍ତ୍ତମାନ କେବଳ ଜଣେ ଶିକ୍ଷୟିତ୍ରୀ ୫ଟି ଶ୍ରେଣୀର ପିଲାଙ୍କ ଶିକ୍ଷାଦାନ କଥା ବୁଝୁଛନ୍ତି। ସେହିପରି ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ରହିଛି। ନୂତନ ଶ୍ରେଣୀଗୃହ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଏଯାଏ ସ୍କୁଲକୁ ହସ୍ତାନ୍ତର ହୋଇ ନ ଥିବାରୁ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ପାଠ ପଢୁଛନ୍ତି। ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ଶ୍ରେଣୀଗୃହରେ ପଢୁଛନ୍ତି। ଏଥିସହ ସ୍କୁଲକୁ ଦୀର୍ଘଦିନ ହେଲା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଏଣୁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଓ ନୂତନ ଶ୍ରେଣୀ ଗୃହ ତୁରନ୍ତ ହସ୍ତାନ୍ତର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବଣ୍ଟାଁରପାଳ ବ୍ଲକ ଶିକ୍ଷା ଅଧିକାରୀ ଜିତେନ୍ଦ୍ର ମିଶ୍ର କହିଛନ୍ତି, ମଝିକା ପ୍ରାଥମିକ ସ୍କୁଲରେ ସମସ୍ୟା ରହିଛି। ତୁରନ୍ତ ଶ୍ରେଣୀ ଗୃହର ବ୍ୟବସ୍ଥା କରାଯିବ। ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ।



ପ୍ରଥମରୁ ୩ୟ ଶ୍ରେଣୀର ପିଲା ବାରଣ୍ଡାରେ ବସି ପଢୁଛନ୍ତି।

### ୫ ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ

# ବ୍ରାହ୍ମଣୀରେ ବୁଡ଼ି ଯୁବକ ମୃତ

କଣିହାଁ,୨୫।୮
(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମର ରତ୍ନାକର ମହାନ୍ତି (୪୬) ଶୁକ୍ରବାର ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ପୋଲିସ କହିଛି, ମଧ୍ୟାହ୍ନରେ ରତ୍ନାକର ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ନଦୀ ତୁଠରେ ଖୋଜାଖୋଜି କରିବା ସହ କଣିହାଁ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀ ଭିତରେ ଖୋଜାଖୋଜି କରି ସନ୍ଧ୍ୟାରେ ରତ୍ନାକରଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଇ ଦେଇଛି।

# ସାପ କାମୁଡ଼ା ରୋଗୀଙ୍କ ତୁରନ୍ତ ଚିକିତ୍ସା ଜରୁରୀ

ତାଳଚେର,୨୫।୮ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ ଗୋବରା ଗ୍ରାମରେ ଥିବା ଗୋବରା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ସାପକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ସଂଘମିତ୍ରା ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ସ୍ନେକ ରେସ୍କ୍ୟୁ ଟିମ୍ ଇଣ୍ଡିଆ (ବଳରାମ ପ୍ରସାଦ)ର ଚେୟାରମ୍ୟାନ ବିଭୂତି ଭୂଷଣ ନାହାକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ଅନେକ ଲୋକ ସାପ କାମୁଡ଼ାର ଶିକାର ହେଇ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ସାପ କାମୁଡ଼ିଲେ ଝଡ଼ାଫୁଙ୍କାରେ ବିଶ୍ୱାସ ନ କରି କିପରି ପ୍ରଥମେ ପ୍ରାଥମିକ ଚିକିତ୍ସା କରିବେ ଏବଂ ଚିକିତ୍ସାଳୟକୁ ଯାଇ ଉପଯୁକ୍ତ ଇଞ୍ଜେକ୍ସନ ନେବେ, ସେ ବିଷୟରେ ମନୁ ବାରିକ ଏବଂ ପ୍ରଦୀପ୍ତ ସ୍ୱାଇଁ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସାମାଜିକ କର୍ମୀ ସୁମନ୍ତ ପ୍ରଧାନ ଓ ଭୂପେନ ବେହେରା, ତାପସ ସାମଲ, ସିଦ୍ଧାନ୍ତ ପ୍ରଧାନ, ନୀଳମାଧବ ବେହେରା, ସମୀର, ଚନ୍ଦନ, ଗଗନ, କ୍ରୀଷ୍ଣା, ଜ୍ୟୋତି, ଶୁଭମ, ଶିବୁ ପ୍ରମୁଖ ସହଯୋଗ କରିଥିଲେ।




ଗୋବରା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମରେ ସର୍ପ ଉଦ୍ଧାରକାରୀଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

# ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା

ବଣ୍ଟାଁରପାଳ,୨୫।୮ (ଉପେନ୍ଦ୍ର ରାଉତ)

ନାଲ୍‌କୋ କର୍ମଚାରୀଙ୍କ ବହୁ ପ୍ରତୀକ୍ଷିତ ପିଆର୍‌ପି ସେଟେଲମେଣ୍ଟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ବିଏମ୍‌ଏସ୍ ସହ ଅନୁବନ୍ଧିତ ସଙ୍ଗଠନମାନଙ୍କ ଦ୍ୱାରା ଗଠିତ ବିଏମ୍‌ଏସ୍ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ନାଲ୍‌କୋ ସ୍ମେଲଟର୍ ମେନଗେଟ୍ ନିକଟସ୍ଥ ୫୫ନଂ. ଜାତୀୟ ରାଜପଥରେ ଏକ ଅଣ୍ଡରପାସ୍ କରିବା ପାଇଁ ସମିତି କର୍ମକର୍ତ୍ତାମାନେ ନିବେଦନ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ କର୍ମଚାରୀଙ୍କ ପିଆର୍‌ପି ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖଣିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଜରିଆରେ କେନ୍ଦ୍ର ଖଣି ନିର୍ଦ୍ଦେଶକ ବିବେକ ଭରଦ୍ୱାଜଙ୍କୁ ଅନୁରୋଧ କରିଥିଲେ। ଏହାପରେ ସମିତି କର୍ମକର୍ତ୍ତାମାନେ କେନ୍ଦ୍ର ଖଣି ନିର୍ଦ୍ଦେଶକ ଭରଦ୍ୱାଜଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଯଥାଶୀଘ୍ର ଏହାର ସମାଧାନ ପାଇଁ ଖଣି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ବିଏମ୍‌ଏସ୍ ସମନ୍ୱୟ ସମିତି ଅଧୀନ ଆଲୁମିନିୟମ ମଜଦୁର ସଂଘ ସ୍ମେଲ୍ଟରର ସାଧାରଣ ସମ୍ପାଦକ ବିନୋଦ କୁମାର ସାମଲ, ଉପଦେଷ୍ଟା ସଚ୍ଚିଦାନନ୍ଦ ଗଡ଼ନାୟକ ଓ ସଭାପତି ମୁନା ସାମଲ, ନାଲ୍‌କୋ ମଜଦୁର ସଂଘ ରିଫାଇନାରିର ସାଧାରଣ ସମ୍ପାଦକ ଆଲୋକ ରଥ ଓ ଶ୍ରୀକାନ୍ତ ପାଣିଗ୍ରାହୀ, ନାଲ୍‌କୋ ବିଦ୍ୟୁତ୍ ମଜଦୁର ସଂଘ ସିପିପିର ସାଧାରଣ ସମ୍ପାଦକ ମନୋଜ କୁମାର ଅମାନ୍ତ ଓ କର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମିଶ୍ର, ନାଲ୍‌କୋ ମାଇନ୍ସ ମଜଦୁର ସଂଘ ସାଧାରଣ ସମ୍ପାଦକ ମହେଶ୍ୱର ନନ୍ଦ, ନାଲକୋ ଏମ୍ପ୍ଲୟିଜ ସେଣ୍ଟ୍ରାଲ ୟୁନିଅନ କର୍ପୋରେଟ ଅଫିସର ସାଧାରଣ ସମ୍ପାଦକ ବୈକୁଣ୍ଠ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବିଏମ୍‌ଏସ୍ ସମନ୍ୱୟ ସମିତି କର୍ମକର୍ତ୍ତାମାନେ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରୁଛନ୍ତି।

